# Akashvani, Sambalpur

## SAMBALPURI NEWS BULLETIN

### 22 February 2025- 6.47- 6.52 am.

*********************************************

ସୁଭଦ୍ରା ମେଳା      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପହେଲା ଥର୍ ଲାଗି ମହିଳାମାନ୍‌କୁ ସଶକ୍ତ କର୍‌ବାର୍ ଦିଗେ ଆଏଜ୍‌ଠାନୁ ସୁଭଦ୍ରା ଶକ୍ତି ମେଳା ମୁଳ୍ ହେବା । ଇ ମେଳା ଆଏଠାନୁ ଆଏବା ୨ ତାରିଖ ତକ୍  ଭୁବନେଶ୍ୱର ଜନତା ମଇଦାନଠାନେ ଚାଲ୍‌ବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକେ ଉଦ୍‌ଘାଟନ୍ କର୍‌ବେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଦୁହି ଉପମୁଖ୍ୟମନ୍ତ୍ରୀ ଭିଲ୍ ଉପସ୍ଥିତ ରହେବାର୍ କାର୍ଯ୍ୟକ୍ରମ ରହିଛେ । ମେଳାଥି ରାଜ୍ୟର୍ ଭିନ୍ ଭିନ୍ ଇଲାକାର୍ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଆଉ ଉତ୍ପାଦକ ଗୋଷ୍ଠୀମାନେ ଭିନ୍ ଭିନ୍ ସାମଗ୍ରୀ ପ୍ରଦର୍ଶନ୍ ଆର୍ ବିକ୍ରି କର୍‌ବେ । ଆଏବା ଦିନେ ସମ୍ବଲପୁର, ବଲାଙ୍ଗୀର, ମାଲକାନଗିରି ଆଉ ପୁରୀ ଜିଲ୍ଲାନ ଏକାସଙ୍ଗେ ଇ ଆଂଚଳିକ ମେଳା ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

ବିଧାନ ସଭା ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୭ ନମ୍ବର ବିଧାନ ସଭାର ବଜେଟ୍ ଅଧିବେଶନ୍‌ର ପହେଲା ଖେପ୍ ଗଲାକାଏଲ୍ ଶେଷ୍ ହେଇଛେ । ଦୁଇ ନମ୍ବର ଖେପ୍ ଆଏବା ମାସର ୭ ତାରିଖ୍‌ନୁ ମୁଲ୍ ହେଇକରି ଏପ୍ରିଲ ୫ ତାରିଖ ତକ୍ ଚାଲ୍‌ବା । ଇ ଅଧିବେଶନ୍‌ଥି ଦୁଇଟା ଖେପେ ୨୮ଟା କାର୍ଯ୍ୟ ଦିବସ ରହେବା ।  ଦୁଇ ନମ୍ବର ଖେପର୍ ପହେଲା ଦିନେ ଭିନ୍ ଭିନ୍ ବିଭାଗ୍‌ର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ ହେବା । ମାର୍ଚ୍ଚ ୧୦ ତାରିଖ୍ ଭିନ୍ ଭିନ୍ ବିଭାଗର ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା ହେବା ବଲି ଜନାପଡ଼ିଛେ ।

ଗଲାକାଏଲ୍ ଶେଷ୍ ହେଇଥିବା ପହେଲା ଖେପ୍ ଅଧିବେଶନ୍ ଫେବୃୟାରୀ ୧୩ ତାରିଖ୍‌ନୁ ମୁଲ୍ ହେଇଥିଲା । ସେନ୍ତା ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବଛର୍ ଲାଗି  ବଜେଟ୍ ଉପସ୍ଥାପନ କରିଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ

ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଳା ଆଉ ଶିଶୁମାନଙ୍କର ଉନ୍ନତି ହେଲେ ଦେଶର୍ ଉନ୍ନତି ହେଇପାର୍‌ବା ବଲି କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର କହିଛନ୍ । ଗଲାକାଏଲ୍ ଦିନ୍‌କିଆ ସମ୍ବଲପୁର ଗସ୍ତଥି ଆସିକରି ଜିଲ୍ଲପାଳଙ୍କର କାର୍ଯ୍ୟାଳୟଥି ମନ୍ତ୍ରୀ ଶ୍ରୀମତୀ

ଠାକୁର ପ୍ରଶାସନିକ ଅଧିକାରୀମାନଙ୍କର ସଙ୍ଗେ ଆଲୋଚନା କରି କରି ଜିଲ୍ଲା ମହିଲା ଆଉ ଶିଶୁମାନଙ୍କର ବିକାଶ  ଲାଗି ସରକାର କରିଥିବା ଭିନ୍ ଭିନ୍ ଯୋଜ୍ନାମାନଙ୍କର ସୀମକ୍ଷା କରିଥିଲେ । ମହିଲାମାନେ ନିଜର୍ ସୁରକ୍ଷା ଲାଗି ଏସ୍ଏଚ୍ଇ ବକ୍ସ ପୋର୍ଟଲ୍ଥି ଅଭିଯୋଗ୍ କରିପାର୍ବେ ମଲି ମନ୍ତ୍ରୀ କହିଛନ୍ । ଅଏତ୍କାନୁ ଅଏତ୍କା ସୁପୋଷିତ୍ ପଂଚାୟତ୍ ଗଠନ୍ କର୍ବାର୍ ଦିଗେ ପଦକ୍ଷେପ୍ ନେବାର୍କେ ଶ୍ରୀମତୀ ଠାକୁର  ପରାମର୍ଶ ଦେଇଛନ୍ । ଇ ଅବସରେ କେନ୍ଦ୍ରମନ୍ତ୍ରୀ ମାଁ ସମ୍ଲେଶ୍ୱରୀଙ୍କ ଦର୍ଶନ୍ କର୍ବାର ସହେତେ ଧନକଉଡ଼ା ଉତ୍କଳ ବାଲାଶ୍ରମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାମଦେଗା ଅଙ୍ଗନଓ୍ୱାଡ଼ି କେନ୍ଦ୍ରକେ ବୁଲି ଦେଖିଥିଲେ ।

ଓ୍ୱାର୍କ ପାସ୍ବୁକ୍-ମୁଖ୍ୟମନ୍ତ୍ରୀ      ଆର୍ଏନ୍ୟୁ/ସମ୍ବଲପୁର

ଦୁର୍ନୀତିକେ ରୁକ୍ବାର୍ ସହେତେ ନିର୍ମାଣ କାମ୍ ମାନ୍କେ ବାଟମାରଣା ବନ୍ଦ କର୍ବାର୍ ଲାଗି ରାଏଜେ ପହେଲା ଥର୍ ଲାଗି ଓ୍ୱାର୍କ ପାସ୍ବୁକ୍ ଲାଗୁ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଇ ବାବ୍ଦେ ସୂଚ୍ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ସବୁ କାମ୍ର ସବିଶେଷ ତଥ୍ୟ ରେକର୍ଡ

କରାଯାଇକରି ସର୍ବ ସାଧାରଣଙ୍କର୍ ଲାଗି ଉପଲବ୍ଧ କରାଯିବା । ସବୁ କାମ୍‌କେ ଜିଓ ଟେଗିଂ କରାଯିବା । ଇତାର୍ ସହେତେ ନିର୍ମାଣ କାମ୍‌ର ବ୍ୟୟ ଅଟକଳ, ବିଲ୍ ଆଉ ପ୍ରକ୍ରିୟାର ସବୁ ଫଟୋ ସେହି ପାକ୍‌ବୁକ୍‌ଥି ରହେବା । ଇତାର୍ ଜରିଏ ନିର୍ମାଣ କାମ୍ ଫଟିକ୍ ହେବା ଆଉ ଦୁର୍ନୀତି ଦୂର୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ନଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା ସୋମବାର ଦିନ ଶୁଣାଣି ବନ୍ଦ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ସମ୍ବାଦପତ୍ର ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମହାକୁମ୍ଭ ଟ୍ରେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରପ୍ରଦେଶର ପ୍ରୟାଗରାଜଠାନେ ଚାଲିଥିବା ମହାକୁମ୍ଭ ମେଲାର୍ ଲାଗି ପୂର୍ବତଟ ରେଳପଥ ତର୍ଫୁ ଓଡ଼ିଶାନୁ ଆଉ ୧୦ଟା ଖାସ୍ ଟ୍ରେନ୍ ଚଲାଚଲ୍ ବ୍ୟବସ୍ଥା କରାଯାଇଛେ । ଇତାର୍ ଆଘୋନୁ ରାଏଜର୍ ୨୫ଟା ସହରୁ ୬୦ଟା ଟ୍ରେନ୍ ଚାଲ୍‌ବାର୍ ବ୍ୟବସ୍ଥା ରହିଥିଲା । ଇ ୧୦ଟା ଟ୍ରେନ୍ ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧାରୋଡ୍ ଆଉ ରାଏଜର୍ ଭିନ୍ ଭିନ୍ ମୁଖିଆ ସହର୍‌ଠାନୁ ପ୍ରୟାଗ୍‌ରାଜ୍‌କେ ଚାଲ୍‌ବା । ଯାତ୍ରୀମାନଙ୍କର ସୁବିଧା ଲାଗି ଭିଡ୍ ନିୟନ୍ତ୍ରଣ ଯୋଜ୍‌ନା ପ୍ରସ୍ତୁତ କରାଯାଇଛେ ଆଉ ଫି ଷ୍ଟେସନ୍‌ମାନକେ ରେଲ୍ ସୁରକ୍ଷା ବଳ କର୍ମଚାରୀମାନଙ୍କୁ ନିୟୋଜିତ୍ କରାଯାଇଛେ ।

ରକ୍ତଦାନ୍ ଶିବିର୍ ବର୍‌ଗଡ୍ ସମ୍ବାଦଦାତା

ସ୍ୱେଚ୍ଛାସେବୀ ଅନୁଷ୍ଠାନ୍ ନିଷ୍ଠା ତର୍ଫୁ ୫୧ ଦିନ୍ ଧରିକରି ଚାଲିଥିବା ରକ୍ତଦାନ୍ ଅଭିଯାନ୍ ଗଲକାଏଲ୍ ବର୍‌ଗଡ୍ ଜିଲ୍ଲା ତାଲ୍‌ଶ୍ରୀଗିଡ଼ା ଗାଁ ନ ଉଦ୍‌ଯାପିତ୍ ହେଇଯାଇଛେ । ୫୧ ଦିନ୍ ଭିତ୍‌ରେ ୫୬ ଟା ରକ୍ତଦାନ୍ ଶିବିର୍ ଆୟୋଜନ୍ କରାଯାଇକରି ୨ ହଜାର୍ ୭ ଶହ ୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇକରି

ବର୍‌ଗଡ୍‌, ବୁର୍ଲା, ସମ୍ବଲ୍‌ପୁର୍ ଆର୍ ପଦମ୍‌ପୁର୍ ରକ୍ତଭଣ୍ଡାର୍‌କେ ଦିଆଯାଇଥିଲା ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍        ଆର୍‌ଏନ୍‌ୟୁ/ସମ୍ବଲପୁର

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ଥି ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ତିନ୍‌ଟା ମେଚ୍ ଖେଲାଯିବା । ପୁରୁଷ ବର୍ଗଥି ଭାରତ ଆଉ ଆୟର୍ଲାଣ୍ଡ ଭିତ୍‌ରେ ମେଚ୍ ହେବାର୍‌କେ ଥିବାବେଲେ ମହିଳା ବର୍ଗଥି ନେଦରଲେଣ୍ଡ-ଇଂଲଣ୍ଡ ଆଉ ଭାରତ ଆଉ ଜର୍ମାନୀ ଭିତ୍‌ରେ ମେଚ୍ ହେବା । ଗଲାକାଏଲ୍ ହେଇଥିବା ମେଚ୍‌ଥି ପୁରୁଷ ବର୍ଗନ ଭାରତ-ଆୟର୍ଲାଣ୍ଡକେ ୩-୧ ଗୋଲ୍‌ଥି ହରେଇଥିଲା । ସେନ୍ତା ମହିଳା ବର୍ଗଥି ଜର୍ମାନ-ଭାରତ୍’କେ ୪-୦ ଆଉ ନେଦରଲେଣ୍ଡ-ଇଂଲଣ୍ଡ’କେ ୫-୧ ଗୋଲ୍‌ଥି ହରେଇଥିଲା ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍           ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଥି

ଆଏଜ୍ ଦୁଇ ନମ୍ବର ସେମିଫାଇନାଲ୍‌ଥି ସୁନ୍ଦର୍‌ଗଡ୍- ଦେବ୍‌ଗଡ୍ ଦଲ୍‌କେ ଭେଟ୍‌ବା ।

ଗଲାକାଏଲ୍ ହେଇଥିବା ପହେଲା ସେମି ଫାଇନାଲ୍ ମେଚ୍‌ଥି ସମ୍ବଲ୍‌ପୁର୍ ଦଲ୍ ନୂଆପଡ଼ାକେ ୬-୧ ଗୋଲ୍‌ଥି ହରେଇକରି ଫାଇନାଲ୍‌କେ ଯାଇଛେ ।